

ନମସ୍କାର ମୁଁ ରଘୁ । ମୋ ପତ୍ନୀ ସୁଷମା ଏବଂ ମୁଁ ଆମ ୱାର୍ଡରେ ଏକ କମ୍ୟୁନିଟି ଶୌଚାଳୟ ତଦାରଖକାରୀ ଭାବରେ କାର୍ଯ୍ୟ କରୁ ।
ମୁଁ ଜାଣେ ଯେ ଆମ ପରି, ଆପଣମାନଙ୍କ ମଧ୍ୟରୁ ଅନେକ ଏହି କୋଭିଡ୍ -19 ମହାମାରୀ ସମୟରେ ନାଗରିକମାନଙ୍କୁ ମଧ୍ୟ ଏହି ସେବା ଯୋଗାଉଛନ୍ତି । ଏବଂ ସେଥିପାଇଁ ମୁଁ ଆପଣଙ୍କୁ ନୋଭେଲ କରୋନା ଭାଇରସରୁ ରକ୍ଷା କରିବା ପାଇଁ କିଛି ସୁରକ୍ଷା ବାର୍ତା ବାଣ୍ଟିବାକୁ ଚାହେଁ...।

ବିଶେଷ ଦ୍ରଷ୍ଟବ୍ୟ: ଏହି ନିର୍ଦ୍ଦେଶଗୁଡ଼ିକ ନିୟମିତ କାର୍ଯ୍ୟ ପାଇଁ SOP ନୁହେଁ ବରଂ ପରିମଳ କର୍ମଚାରୀଙ୍କ ଦ୍ୱରା ନିଆଯିବାକୁ ଥିବା ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦେବା ପାଇଁ ଉଦ୍ଦିଷ୍ଟ ।

## ଆପଣ କାମ ପାଇଁ ଘରୁ ବାହାରିବା ପୂର୍ବରୁ,ଧ୍ୟାନ ଦେବା ଜିନିଷ ହେଲା-



1. ପୁରା ହାତ ଥିବା ଏବଂ ଫୁଲ୍ ଲମ୍ବା ପୋଷାକ ପିନ୍ଧନ୍ତୁ ।



3. ନଗରପାଳିକା ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପାସ୍ ବହନ କରନ୍ତୁ ।



5. ଗ୍ଲୋଭସ୍, ମାସ୍କ, ଆପ୍ରନ୍ (ଯଦି ମାସ୍କ ଉପଲବ୍ଧ ନଥାଏ, ତେବେ ନାକ ଏବଂ ପାଟି ଘୋଡାଇବା ପାଇଁ 2-3 ସ୍ତରରେ ଏକ ସଫା କପଡା ବ୍ୟବହାର କରନ୍ତୁ))



2. ଯଦି କ୍ଷତ ଥାଏ, ତାକୁ ଜଳରହିତ ବ୍ୟାଣ୍ଡେଜ ସାହାଯ୍ୟରେ ଘୋଡାନ୍ତୁ ।



4. ହାତ ଧୋଇବା ପାଇଁ ପାଣି ଏବଂ ସାବୁନ ପାଖରେ ରଖନ୍ତୁ ।



6. ଅତିରିକ୍ତ ପୋଷାକ ପାଖରେ ରଖନ୍ତୁ ।

## ଯେତେବେଳେ ଆପଣ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବେ, ଧ୍ୟାନ ଦେବା ଜିନିଷ ହେଲା- -

1



ସାବୁନରେ ହାତ ଧୁଅନ୍ତୁ ।

2




ନିର୍ଦ୍ଦେଶ ଅନୁସାରେ PPE ପିନ୍ଧନ୍ତୁ ।

3



ବ୍ୟବହାରକାରୀମାନଙ୍କୁ ଦୂରତା ବଜାୟ ରଖିବା ପାଇଁ ଶୌଚାଳୟ ବ୍ଲକ ବାହାରେ ଗୋଲ୍ ଅଙ୍କନ କରନ୍ତୁ ।

4



ଶୌଚାଳୟ ବ୍ଲକ୍ ସଫା କଲାବେଳେ PPE ପିନ୍ଧନ୍ତୁ ।

5






ଅତିକମରେ 1 ମିଟର ଦୂରତା ବଜାୟ ରଖିବାକୁ ଏବଂଶୌଚାଳୟ ବ୍ୟବହାର କରିବା ପରେ ସାବୁନରେ ହାତ ଧୋଇବାକୁ ବ୍ୟବହାରକାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।

6



ଗ୍ଲୋଭସ୍ ପିନ୍ଧିକରି ଶୁଳ୍କ ଆଦାୟ କରନ୍ତୁ ।

7



ବାରମ୍ୱାର ସ୍ପର୍ଶ କରୁଥିବା ବସ୍ତୁ ଏବଂ ପୃଷ୍ଠଗୁଡ଼ିକୁ ସଫା ଏବଂ ବିଶୋଧନ କରନ୍ତୁ ।

8



ଖାଦ୍ୟ ଖାଇବା ପୂର୍ବରୁ ସାବୁନରେ ହାତ ଧୁଅନ୍ତୁ ।

## ଯେତେବେଳେ ଆପଣ କାମ ଶେଷ କରିବେ ,ଧ୍ୟାନ ଦେବା ଜିନିଷ ହେଲା-



ସୁରକ୍ଷା ଉପକରଣ କାଢନ୍ତୁ ।



ହାତ ଓ ମୁହଁ ଧୋଇ ଦିଅନ୍ତୁ ।



ପୋଷାକ ବଦଳାଇ ଏକ ବ୍ୟାଗରେ ରଖନ୍ତୁ।



ମାସ୍କ / କପଡା ପିନ୍ଧନ୍ତୁ ଏବଂ ଘରକୁ ଫେରନ୍ତୁ ।





ପରିବାରର କାହାକୁ ଭେଟିବା ପୂର୍ବରୁ ପ୍ରଥମେ ପୋଷାକ ଏବଂ PPE କୁ ସାବୁନରେ ଧୋଇ ଖରା କିମ୍ବା ଶୁଖିଲା ସ୍ଥାନରେ ଟାଙ୍ଗନ୍ତୁ ।

ଯଦି ଆପଣଙ୍କର କାଶ, ସର୍ଦ୍ଦି ବା ଜ୍ୱର ଆସେ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ଆସନ୍ତୁ ଆମର ସୁରକ୍ଷା ସୁନିଶ୍ଚିତ କରି ଜୀବାଣୁକୁ ପରାସ୍ତ କରିବା ।**

ପରିମଳ କାର୍ଯ୍ୟ ପାଇଁ ସୁରକ୍ଷା ଏବଂ ସମ୍ମାନ |Urban Management Centre with support from BMGF | manvita@umcasia.org